## ସଂକ୍ଷେପରେ



### ଭାଜପାର ମିଶ୍ରଣ ପର୍ବ

**ପାରଳାଖେମୁଣ୍ଡି, ୨୮।୩ (ସ୍ୱ.ପ୍ର.):** ଗଜପତି ଜିଲା ଗୋଷାଣୀ ବ୍ଲକ ଉପଲଡା ଗ୍ରାମରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ପୂର୍ବତନ ବିଧାୟକ କେ.ନାରାୟଣ ରାଓ ନୂତନ ଭାବେ ଭାଜପାରେ ଯୋଗଦେଇ ପାରଳାଖେମୁଣ୍ଡି ବିଧାନସଭା ମଣ୍ଡଳୀ ପାଇଁ ଦଳୀୟ ପ୍ରାର୍ଥୀ ହେବାପରେ ଗୁରୁବାର ଏକ ମିଶ୍ରଣ ପର୍ବ କରାଯାଇଛି। ଏହି ଅବସରରେ କଂଗ୍ରେସର ୱାର୍ଡ ମେମ୍ବର ଏସ୍.ପାପି, ଏସ୍.ଭାସ୍କର ରାଓ, ଏସ୍.ରାମବାବୁ, ପୂର୍ବତନ ସରପଞ୍ଚ ଏଲ୍.ରାଣୀ ଆମ୍ମା, ଦୀଲେଶ୍ୱର ରାଓ ପ୍ରମୁଖ ଭାଜପାରେ ମିଶିଥିଲେ। ସେହିଭଳି ଏଥିରେ ଉପଲଡା ଗ୍ରାମର ବହୁ ସମର୍ଥକ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ରାଓଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ଭାଜପାରେ ସାମିଲ ହୋଇଥିବା କହିଛନ୍ତି। ଆଗାମୀ ଦିନରେ ସେ ସମସ୍ତେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀଙ୍କୁ ସହଯୋଗ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଜି.ଭେଙ୍କଟରାବଣା, ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ପାରଳାଖେମୁଣ୍ଡି ପୂର୍ବତନ ନଗରପାଳ ପି.କ୍ରିଷ୍ଣା, ଗୋଷାଣୀ ବ୍ଲକ ଅଧକ୍ଷ ସି.ଏଚ୍. ତାରେକେଶ୍ୱରୀ, ଜି.ଶ୍ରୀଧର ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ



**ରାୟଗଡା ଅଫିସ୍, ୨୮।୩:** ରାୟଗଡା ଜିଲା କୋଲନରା ବ୍ଲକ୍ର ବିଭିନ୍ନ ଗ୍ରାମାଞ୍ଚଳରେ ନବୀନ ପଟ୍ଟନାୟକଙ୍କ ପୋଷ୍ଟର ଓ ଫଟୋ ଲଗାଯାଇଛି। ଏଥିସହ ବିଭିନ୍ନ ଯୋଜନାର ପୋଷ୍ଟର, ସରକାରୀ ବସ୍‌ରେ ଲାଗିଥିବା ପୋଷ୍ଟର ବର୍ତ୍ତମାନ ମଧ ଲାଗି ରହିଛି। ତେଣୁ ଏହା ଆଚରଣବିଧି ଉଲ୍ଲଂଘନ ହେଉଥିବା ନେଇ ଗୁରୁବାର ଭାଜପାର ଜିଲା ସାଧାରଣ ସମ୍ପାଦକ ହଳଧର ମିଶ୍ରଙ୍କ ସହ ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

### ସମାଜକୁ ସୁବାର୍ତ୍ତା ଦେଲାଭଳି ନାଟକ ରଚନା ଜରୁରୀ



**ପାରଳାଖେମୁଣ୍ଡି, ୨୮।୩ (ସ୍ୱ.ପ୍ର.):** ପାରଳାଖେମୁଣ୍ଡି କରଣ ସାହିସ୍ଥିତ ବିଜୟ କ୍ଲବରେ ନାଟ୍ୟ ଅନୁଷ୍ଠାନ ତରଙ୍ଗରଙ୍ଗ ପକ୍ଷରୁ ମଞ୍ଚ ନାଟକର ବିକାଶ ନେଇ ଏକ ବୈଠକ କରାଯାଇଛି। ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ଅନୁଷ୍ଠିତ ଏହି ବୈଠକରେ ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସ, ନାଟ୍ୟ ନିର୍ଦ୍ଦେଶକ ପ୍ରବୀଣ କୁମାର ପଣ୍ଡା, ଗୁରୁ ରଘୁନାଥ ପାତ୍ର ଏବଂ କ୍ରିଏଟିଭ୍ ଆର୍ଟର ସଭାପତି ନୃସିଂହ ଚରଣ ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। ଉପାନ୍ତ ଅଞ୍ଚଳରେ ଓଡ଼ିଆ ମଞ୍ଚ ନାଟକ ବଞ୍ଚାଇ ରଖିବା ଦିଗରେ ତରଙ୍ଗରଙ୍ଗ ଭଳି ନାଟ୍ୟ ଅନୁଷ୍ଠାନର ଉଦ୍ୟମ ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। ନୂତନ କଳାକାରମାନଙ୍କୁ ଉପଯୁକ୍ତ ପରିବେଶ ଯୋଗାଇ ଦେଇ ପାରିଲେ ମଞ୍ଚ ନାଟକ ସହ କଳାକାରଙ୍କ ଅଭିନୟରେ ମଧ ବିକାଶ ଅଣାଯାଇପାରିବ ବୋଲି ସେମାନେ କହିଥିଲେ। ସମାଜକୁ ଦିଗ୍‌ଦର୍ଶନ ଓ ସୁବାର୍ତ୍ତା ଦେଲାଭଳି ନାଟକ ରଚନା କରିବା ଆବଶ୍ୟକ ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ। ସେହିପରି ଶିଶୁ ନାଟକ, ମଞ୍ଚ ନାଟକ, ଯୁବ ଓ ମହିଳା କଳାକାର ଏବଂ ନାଟ୍ୟ କର୍ମଶାଳା ଉପରେ ମଧ ଆଲୋଚନା ହୋଇଥିଲା। ଏହି ଅବସରରେ ବରିଷ୍ଠ ସଦସ୍ୟ ଆଦର୍ଶ ଦାସ କ୍ୟୁବାର ନାଟ୍ୟକାର, ନିର୍ଦ୍ଦେଶକ ଓ ନାଟ୍ୟ ଗୁରୁ ପ୍ରଧାପକ କାର୍ଲସ୍ ସେଲ୍‌ଡ୍ରେନ୍‌ଙ୍କ ବାର୍ତ୍ତା ପଠନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମଞ୍ଚ କଳାକାର ଯୋଗଦେଇ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ।

# ଘାଟି ରାସ୍ତାରେ ଗାଡ଼ି ଓଲଟି ୮ ଆହତ

**ପାରଳାଖେମୁଣ୍ଡି, ୨୮।୩ (ସ୍ୱ.ପ୍ର.)**

ଗଜପତି ଜିଲା ଗୁମ୍ମା ବ୍ଲକ ତହଜଙ୍ଗ ଗ୍ରାମ ନିକଟ କୋଣ୍ଡା ପାର୍ଶମ୍ବା ଘାଟି ରାସ୍ତାରେ ଗୁରୁବାର ଏକ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇ ଡ୍ରାଇଭରଙ୍କ ସମେତ ୮ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧରୁ ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣା ପରେ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲେ ମଧ ଆସିବାରେ ବିଳମ୍ବ ହେବାରୁ ଉକ୍ତ ରାସ୍ତା ଦେଇ ଯାଉଥିବା ପାରଳାଖେମୁଣ୍ଡି ବିଧାୟକ କେ. ସୂରିୟା ରାଓ ସେମାନଙ୍କୁ ନିଜ ଗାଡ଼ିରେ ନେଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।

ପ୍ରକାଶ ଯେ, ଏକ ଭ୍ୟାନ (ଓଡି–୨୦–୦୦୬୮)ରେ ୧୦ଜଣ ଗୁମ୍ମା ବ୍ଲକର ଅନୁଗୁଟିରୁ ନୂଆଗଡ ବ୍ଲକ ଖଜୁରିପଦା ଗାଁକୁ ଏକ ବିବାହ କାର୍ଯ୍ୟରେ ଯୋଗ ଦେବାକୁ ଯାଉଥିଲେ। ଏହି ସମୟରେ ତହଜଙ୍ଗ ଗ୍ରାମ ନିକଟ କୋଣ୍ଡା ପାର୍ଶମ୍ବା ଘାଟିରେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ କର୍ନିଆଲ ମଣ୍ଡଳ, ଅରୁଣ ଭୂୟାଁ, ଆର୍ଟିୟ ଭୂୟାଁ, କାଲିଆସ ଭୂୟାଁ, ଜିୟରାଂ ଭୂୟାଁ, ଲାବନ ଗମାଙ୍ଗ, ଯେସୁ ଭୂୟାଁ ଓ ଅଭିନାଶ ମଣ୍ଡଳ ଆହତ ହୋଇଛନ୍ତି। ଆହତଙ୍କୁ ବିଧାୟକଙ୍କ ଗାଡିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ମଧରୁ ଅଭିନାଶଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଧାୟକଙ୍କ ସମେତ ଜିଲାପାଳ ଅନୁପମ ସାହା, ଅତିରିକ୍ତ ଜିଲାପାଳ ସ୍ୱଧାଦେବସିଂ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

**ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲେ ବିଧାୟକ**



ଓଲଟି ପଡିଥିବା ଭ୍ୟାନ୍ ଏବଂ ଜଣେ ଆହତଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

## ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଅବହେଳା ଘଟଣା

# ଶିକ୍ଷକ, ଶିକ୍ଷୟିତ୍ରୀ ନିଲମ୍ବିତ

**ଗୁଡାରୀ, ୨୮।୩(ଡି.ଏନ୍.ଏ.)**

ଗୁଡାରୀ ସରକାରୀ ହାଇସ୍କୁଲର ଜଣେ ଛାତ୍ରୀ ଚଳିତ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ଫର୍ମ ପୂରଣ କରିବାରେ ସ୍କୁଲ କର୍ତ୍ତୃପକ୍ଷ ଏବଂ ପରୀକ୍ଷା ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କ ଅବହେଳା ଦର୍ଶାଇ ସମ୍ପୃକ୍ତ ଛାତ୍ରୀ ଜିଲାପାଳଙ୍କୁ ଅବଗତ କରାଇଥିଲେ। ତଦନ୍ତ ପରେ ଗୁରୁବାର ରାୟଗଡା ଜିଲା ଶିକ୍ଷାଧିକାରୀ ହାଇସ୍କୁଲର ଇନ୍‌ଚାର୍ଜ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ବିଷୋୟୀ ଏବଂ ଶିକ୍ଷୟିତ୍ରୀ ସସ୍ମିତା ସୁବୁଦ୍ଧିଙ୍କୁ ନିଲମ୍ବିତ କରିଛନ୍ତି। ପରେ ଉଭୟଙ୍କୁ ବିକ୍ରମପୁର ଏବଂ କୋଲନରା ହାଇସ୍କୁଲରେ ଅବସ୍ଥାପିତ କରାଯାଇଛି ବୋଲି ଗୁଡାରୀ ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ନାୟକ ପ୍ରକାଶ କରିଛନ୍ତି।

# ୬ ଜଣଙ୍କୁ ନିଲମ୍ବନ ପାଇଁ ପ୍ରଦେଶ କଂଗ୍ରେସ କମିଟିକୁ ସୁପାରିସ

**ରାୟଗଡା ଅଫିସ୍, ୨୮।୩**

ଦଳର ନିୟମକୁ ନ ମାନି ନିର୍ବାଚନ ମଇଦାନକୁ ଆସିଥିବା ୬ଜଣ ଦଳୀୟ ନେତାଙ୍କୁ ନିଲମ୍ବନ ଲାଗି ରାୟଗଡା ଜିଲା କଂଗ୍ରେସ କମିଟି ପକ୍ଷରୁ ସୁପାରିସ ହୋଇଛି। ସେମାନେ ହେଲେ କାଶୀପୁର ବ୍ଲକ୍ ସଭାପତି ତଥା ୨୦୧୪ ନିର୍ବାଚନର ଦଳୀୟ ପ୍ରାର୍ଥୀ ମକରନ୍ଦ ମୁଦୁଲି, କାଶୀପୁର ଜିଲା ପରିଷଦ ସଭ୍ୟା ଅମ୍ବିକା ମାଝି, ଗୁଣପୁର ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀ ଶବର, କାଶୀପୁର ବ୍ଲକ୍‌ର ୩ଜଣ ଜୋନ୍ ସଭାପତି ଗଜେନ୍ଦ୍ର ନାୟକ, ଯୋଶେଫ ଭତ୍ରା ଓ ସାନ୍ଦୁ ମାଝି। ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗାପ୍ରସାଦ ପଣ୍ଡା ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ରାୟଗଡାରୁ ମକରନ୍ଦ ମୁଦୁଲି ଓ ବିଷମକଟକରୁ ଆପୁଲସ୍ୱାମୀ କାଡ୍ରାକାଙ୍କୁ ପ୍ରାର୍ଥୀ କରିବା ପାଇଁ ଦଳ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସେଥି ନିମନ୍ତେ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କୁ ନିଜର ଜାତିଗତ ପ୍ରମାଣପତ୍ର ପ୍ରଦାନ କରିବା ନିମନ୍ତେ ପିସିସି ପକ୍ଷରୁ କୁହାଯାଇଥିଲା। ହେଲେ ମକରନ୍ଦ ନିଜର ନୂତନ ପ୍ରମାଣପତ୍ର ପ୍ରଦାନ କରି ନ ଥିଲେ, ଯଦ୍ୱାରା ତାଙ୍କୁ ପ୍ରାର୍ଥୀ କରାଗଲା ନାହିଁ ଏବଂ ଦଳ ନିଜର ନିଷ୍ପତ୍ତିରେ ପରିବର୍ତ୍ତନ କରି ଆପୁଲସ୍ୱାମୀଙ୍କୁ ପ୍ରାର୍ଥୀ କରିଛି। ତେବେ ମକରନ୍ଦ ବର୍ତ୍ତମାନ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢୁଛନ୍ତି। ତେଣୁ ଦଳର ନିୟମକୁ ନ ମାନିବା ଯୋଗୁ ତାଙ୍କୁ ନିଲମ୍ବନ ପାଇଁ ସୁପାରିସ ହୋଇଛି। ଅପରପକ୍ଷରେ ଜିଲା ପରିଷଦ ସଭ୍ୟା ଅମ୍ବିକା ମାଝି ରାୟଗଡା ଓ ଲକ୍ଷ୍ମୀ ଶବର ଗୁଣପୁର ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ହେଲେ ଯାଞ୍ଚବେଳେ ଉଭୟଙ୍କ ନାମାଙ୍କନ ନାକଚ ହୋଇଯାଇଛି। ତେଣୁ ଏହି ୨ଜଣଙ୍କୁ ମଧ ନିଲମ୍ବନ କରିବାକୁ ପିସିସିକୁ ସୁପାରିସ କରାଯାଇଛି। ଏତଦ୍‌ବ୍ୟତୀତ ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ପ୍ରସ୍ତାବକ ରହିଥିବା ୩ ଜଣ ଜୋନ୍ ସଭାପତି ମଧ ଦଳ ବିରୋଧୀ କାର୍ଯ୍ୟ କରିଥିବା ଯୋଗୁ ସେମାନଙ୍କୁ ବି ନିଲମ୍ବନ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ବିଭିନ୍ନ ଦଳରୁ ଆସି ୧୪ ଜଣ ଯୁବକ କଂଗ୍ରେସରେ ଯୋଗ ଦେଇଛନ୍ତି। ସେମାନଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ସ୍ୱାଗତ କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ତଥା ରାୟଗଡା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଆପୁଲସ୍ୱାମୀ କାଡ୍ରାକା, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝି, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଶଙ୍କର୍ଷଣ ମଙ୍ଗରାଜ ଓ ଅସଲମ ଖାନ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମୀମାନେ

## ୩୦ରେ ଗୁଣପୁର ଓକିଲ ସଂଘ ନିର୍ବାଚନ

**ଗୁଣପୁର, ୨୮।୩(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଓକିଲ ସଂଘର ନିର୍ବାଚନ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ସଭାପତି ପାଇଁ ୩ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ଗଦାଧର ପଣ୍ଡା ଏବଂ ଅଶୋକ ଧୂଳି ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ତେଣୁ ଫଣି ଭୂଷଣ ପଟ୍ଟନାୟକ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ପଦ ପାଇଁ ୩ ଜଣ ଯଥା ବିଷ୍ଣୁ ପାଢ଼ୀ, ରମେଶ ଲିମା ଏବଂ ବିଶ୍ୱନାଥ ସାହୁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ହେଲେ ବିଷ୍ଣୁ ନାମାଙ୍କନ ପତ୍ର ପତ୍ୟାହାର କରି ନେଇଛନ୍ତି। ତେଣୁ ରମେଶ ଲିମା ଏବଂ ବିଶ୍ୱନାଥ ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେମାନେ ସେମାନଙ୍କ ସମର୍ଥକଙ୍କ ଜରିଆରେ ନିଜ ସପକ୍ଷରେ ଭୋଟ ଦେବା ପାଇଁ ଅନୁରୋଧ କରୁଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ କାର୍ଯ୍ୟ ତୁଲାଉଛନ୍ତି।

# ବାଇକ୍ ଚୋରି ରାକେଟର ପର୍ଦ୍ଦାଫାଶ

**ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ**
- ୪ ଅଭିଯୁକ୍ତ ଗିରଫ, ୧୩ ବାଇକ୍ ଜବତ
- ଭୁବନେଶ୍ୱର, ବ୍ରହ୍ମପୁରରୁ ଚୋରି କରୁଥିଲେ ଗାଡ଼ି

**ପାରଳାଖେମୁଣ୍ଡି, ୨୮।୩ (ସ୍ୱ.ପ୍ର.)**

ମୋହନା ଅଞ୍ଚଳରେ ସକ୍ରିୟ ଥିବା ଏକ ଚୋରା ବାଇକ୍ ରାକେଟର ୪ଜଣଙ୍କୁ ମୋହନା ପୋଲିସ ଗିରଫ କରିଛି। ସେମାନେ ହେଲେ ମୋହନା ଥାନା ଅଧୀନ କମଳାପୁର ଗ୍ରାମର ପିଣ୍ଟୁ ନାୟକ, ନାରିଙ୍ଗି ଗ୍ରାମର ସୁଜିତ ନାୟକ, ବାଦପୁର ଗ୍ରାମର ବାବୁଲା ନାୟକ ଓ ନୂଆସାହିର ଟୁକୁ ନାୟକ। ଏ ନେଇ ଗୁରୁବାର ଗଜପତି ଏସ୍‌ପି ସାରା ଶର୍ମା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବୁଧବାର ମୋହନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଏହି ସମୟରେ ପୋଲିସ ୧୩ଟି ବାଇକ୍ ଜବତ କରିଛି। ଅଭିଯୁକ୍ତମାନେ ଭୁବନେଶ୍ୱର ଓ ବ୍ରହ୍ମପୁରରୁ ବାଇକ୍‌ଗୁଡିକୁ ଚୋରିକରି ଏଠାରେ ଶସ୍ତା ଦରରେ ବିକ୍ରି କରୁଥିଲେ। ଏହାଛଡ଼ା ଏହି ଗାଡିଗୁଡିକ ଗଞ୍ଜେଇ ଚାଲାଣ ସମେତ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲଗାଯାଉଥିଲା ବୋଲି ପୋଲିସ ସୂଚନା ଦେଇଛି।




ଗିରଫ ଅଭିଯୁକ୍ତଙ୍କ ସହ ଜବତ ବାଇକ୍।

# ରାଜ୍ୟପାଳଙ୍କଠୁ ପୁରସ୍କୃତ ହେଲେ ସ୍କାଉଟ, ଗାଇଡ ଅନୁଷ୍ଠାନ

**ପାରଳାଖେମୁଣ୍ଡି, ୨୮।୩ (ସ୍ୱ.ପ୍ର.)**

ରାଜ୍ୟସ୍ତରୀୟ ସ୍କାଉଟ ଓ ଗାଇଡ ଅନୁଷ୍ଠାନ ପକ୍ଷରୁ ୨୦୧୮–୧୯ ଶିକ୍ଷାବର୍ଷରେ ଅନୁଷ୍ଠିତ ହୋଇଥିବା ଏକ ଜିଲାସ୍ତରୀୟ ରାଲିରେ ଗଜପତି ଜିଲାର ସଫଳ ପ୍ରଦର୍ଶନ ପାଇଁ ଜିଲା ସ୍କାଉଟ ଓ ଗାଇଡ୍ ଶାଖାକୁ ରାଜ୍ୟପାଳ ଗଣେଶୀ ଲାଲ ପୁରସ୍କୃତ କରିଛନ୍ତି। ଭୁବନେଶ୍ୱରର ରାଜଭବନ ଠାରେ ଅନୁଷ୍ଠିତ ହୋଇଥିବା ଏକ ସମ୍ବର୍ଦ୍ଧନା ଉତ୍ସବରେ ଜିଲା ରାଜ୍ୟପାଳ ସ୍କାଉଟ ଓ ଗାଇଡ୍ ଶାଖାକୁ ସିଲ୍, ମାନପତ୍ର ଦେଇଛନ୍ତି। ସେହିପରି ସ୍କାଉଟ ଓ ଗାଇଡର ଗଜପତି ଜିଲା ସଙ୍ଗଠକ କ ସଞ୍ଜୟ କୁମାର ପାତ୍ରଙ୍କୁ ତାଙ୍କର ସେବା ନିମନ୍ତେ ରାଜ୍ୟପାଳଙ୍କଠାରୁ ସେବା ପଦକ ଓ ମାନପତ୍ର ମିଳିଛି। ଏହି ସମୟରେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ମଧ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ ଜିଲାର ସମସ୍ତ ଛାତ୍ରୀଛାତ୍ର, ସ୍କାଉଟ ଶିକ୍ଷକ, ଗାଇଡ୍ କ୍ୟାପଟେନ ଓ ଶିକ୍ଷକ ଶିକ୍ଷୟତ୍ରୀ ମହଲରେ ଉତ୍ସାହ ଦେଖାଯାଇଛି। ଭବିଷ୍ୟତରେ ଜିଲା ସ୍କାଉଟ ଓ ଗାଇଡ୍ ବିଭାଗକୁ ଆହୁରି ସୁଦୃଢ କରାଯିବ ବୋଲି ସେମାନେ କହିଛନ୍ତି।



ରାଜ୍ୟପାଳ ଗଜପତି ସ୍କାଉଟ୍, ଗାଇଡ୍ ସଦସ୍ୟଙ୍କୁ ପୁରସ୍କୃତ କରୁଛନ୍ତି।

## ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

**ଟିକିରି, ୨୮।୩(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସଦର ଏବଂ ଟିକିରିଠାରେ ଗୁରୁବାର ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ରାୟଗଡ଼ା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ବସନ୍ତ ଉଲ୍ଲାକା ଟିକିରିଠାରେ ଦଳୀୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ବେଲଧର ମାଝି, ଚନ୍ଦ୍ରଶେଖର ଖୁରା, କିଶୋର ଦିଶାରି, ଉପେନ୍ଦ୍ର ପାତ୍ରଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ପରେ କାଶୀପୁରସ୍ଥିତ ଚେତକ କ୍ଲବଠାରେ ଆୟୋଜିତ ଦଳୀୟ ବୈଠକରେ ବସନ୍ତ ଉଲ୍ଲାକା ଯୋଗ ଦେଇ ନିର୍ବାଚନ ପ୍ରଚାର ନେଇ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ।

## ବିଷକ୍ରିୟାରେ ଛାତ୍ରୀ ମୃତ୍ୟୁ ମାମଲା

# ହଷ୍ଟେଲରେ ତଦନ୍ତ କଲା ଜିଲା ଶିଶୁ ସୁରକ୍ଷା ୟୁନିଟ

**ପାରଳାଖେମୁଣ୍ଡି, ୨୮।୩ (ସ୍ୱ.ପ୍ର.)**

ଗୋଷାଣୀ ବ୍ଲକ ମାରିଙ୍ଗି ସମନ୍ୱିତ ଆଦିବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ହଷ୍ଟେଲରେ ଗତ ୨୪ ତାରିଖରେ ଖାଦ୍ୟ ଜନିତ ବିଷକ୍ରିୟା ଯୋଗୁ ଜଣେ ଛାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୬ଜଣ ଅସୁସ୍ଥ ହୋଇପଡିଥିଲେ। ଏହି ଘଟଣାର ଅନୁଧ୍ୟାନ ପାଇଁ ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲା ଶିଶୁ ମଙ୍ଗଳ ସମିତିର ଏକ ଟିମ୍ ଉକ୍ତ ହଷ୍ଟେଲରେ ପହଞ୍ଚି ଥିଲେ। ତେବେ ମୃତ୍ୟୁର ପ୍ରକୃତ କାରଣ ସମସ୍ତ ଡାକ୍ତରୀ ରିପୋର୍ଟ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଜଣାପଡିବ ବୋଲି ତଦନ୍ତକାରୀ ଟିମ୍ କହିଛି। ପ୍ରଧାନ ଶିକ୍ଷକଙ୍କ ବ୍ୟତିତ ଅନ୍ୟ ଜଣେ ୱାର୍ଡେନ ହଷ୍ଟେଲ ପରିଚାଳନା ଦାୟିତ୍ୱରେ ରହିଲେ ଏହାର ସୁପରିଚାଳନା ହୋଇପାରିବ ବୋଲି ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି।

ପ୍ରକାଶ ଯେ, ୧୦୦ ଶର୍ଯ୍ୟା ବିଶିଷ୍ଟ ହଷ୍ଟେଲ ଉକ୍ତ ହଷ୍ଟେଲରେ ୨୦ତାରିଖରେ ପରୀକ୍ଷା ସରିବା କିଛି ପିଲା ନିଜ ଘରକୁ ପଳାଇଥିଲେ। ୨୩ ତାରିଖ ରାତିରେ ଏଠାରେ ରହୁଥିବା ୮୦ଜଣ ପିଲା ରାତି ଖାଇବା ଖାଇ ଶୋଇଥିଲେ। ତେବେ ସେମାନଙ୍କ ମଧରୁ ଜଣେ ପିଲା ଭୋରରୁ ଅଚେତ ହୋଇ ପଡିଥିବା ଦେଖି ହଷ୍ଟେଲ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ନେବା ସମୟରେ ତାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୬ଜଣ ଅସୁସ୍ଥ ଛାତ୍ରୀଙ୍କୁ ପାରଳାଖେମୁଣ୍ଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଏଠାରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଉମାକାନ୍ତ ଚୌଧୁରୀ ଉକ୍ତଦିନ ଅନୁପସ୍ଥିତ ଥିଲେ। ମୃତା ନାବାଳିକାଙ୍କୁ ଗତ ୨୦୧୬ରେ ଅପରେସନ ମୁସ୍କାନ–୨ରେ ବାହାର ରାଜ୍ୟରୁ ଅଣାଯାଇ ଏଠାରେ ଥଇଥାନ କରାଯାଇଥିଲା। ଏହି ଟିମ୍‌ରେ ଜିଲା ଶିଶୁ ସୁରକ୍ଷା ୟୁନିଟର ରାଜେଶ ବଳବନ୍ତ, ଶିଶୁ କଲ୍ୟାଣ ସମିତି ଅଧକ୍ଷ ବିନୋଦ ଚନ୍ଦ୍ର ଜେନା, ସଦସ୍ୟ ପ୍ରମୋଦ ନାୟକ, ସଦସ୍ୟା ଅନୀତା ମିଶ୍ର ରହିଥିଲେ।

# ଗ୍ରାମାଞ୍ଚଳ କବାଡ଼ି ପ୍ରତିଯୋଗିତା

**ଜେକେପୁର, ୨୮।୩(ଡି.ଏନ୍.ଏ)**

ସ୍ଥାନୀୟ ସାନଚାନ୍ଦିଲି ଖେଳ ପଡିଆରେ ସ୍ୱର୍ଣ୍ଣ ଓ ଜେକେ କାଗଜକଳ ଦ୍ୱାରା ଗ୍ରାମାଞ୍ଚଳ କବାଡିପ୍ରତିଯୋଗିତା ଆୟୋଜିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଜେକେ ପରିପାର୍ଶ୍ୱସ୍ଥ ୧୨ଟି ଗ୍ରାମର ଯୁବ କ୍ଲବଗୁଡିକ ଭାଗ ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଜେକେ କାଗଜକଳର କାର୍ଯ୍ୟନିର୍ବାହୀ ଉପସଭାପତି ପବନ କୁମାର ସୁରୀ ଉଦ୍‌ଘାଟନ କରିଥିଲେ। ରାଜ୍ୟସ୍ତରୀୟ କବାଡି ଖେଳାଳି ବାବୁଲା ମେଲାକା, ବନବାସୀ କଲ୍ୟାଣ ଆଶ୍ରମ ଜିଲା ଖେଳକୁଦ ପ୍ରମୁଖ ରାଧାକୃଷ୍ଣ ହିମିରିକା ଏବଂ ଏଲ୍‌ପିଏସ୍ ହାଇସ୍କୁଲର ପିଇଟି ଶିକ୍ଷକ ଭି.ରାଜାରାଓ ରେଫରୀ ଥିଲେ। ଏହାର ଫାଇନାଲ୍ ମ୍ୟାଚ କୁରୁମପେଟା ଓ ସାନଚାନ୍ଦିଲି ବି ଟିମ୍ ମଧରେ ଅନୁଷ୍ଠିତ ହୋଇଥିଲା। ସାନଚାନ୍ଦିଲି ବି ଟିମ୍ ୧୬ ପଏଣ୍ଟ ହାସଲ କରିଥିବା ବେଳେ କୁରୁମପେଟା ୩୭ ପଏଣ୍ଟ ହାସଲ କରି ବିଜୟ ଲାଭ କରିଥିଲା। ଏହି କାର୍ଯ୍ୟକ୍ରମରେ ସୁନୀଲ ନାଥ ଉପସ୍ଥିତ ରହି ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥି ଡା. କେ.ଶ୍ରୀକାନ୍ତ, ଚିଫ୍ ମେଡିକାଲ ଅଫିସ୍‌ର ସତନଦୀବ ବରାଲ ଉପସ୍ଥିତ ଥିଲେ।



କବାଡ଼ି ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନେ।

## ବ୍ଲକ୍‌ସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ

# ଜୟଭୀମ ୟୁଥ କ୍ଲବ 'କ' ବିଜୟୀ

**ମୁନିଗୁଡା, ୨୮।୩ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ୍ ଅନ୍ତର୍ଗତ ହାତୀପଦର ଗ୍ରାମରେ ଗତ ୨୩ ତାରିଖରୁ ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ ଆନ୍ତଃ କ୍ଲବ୍ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଆୟୋଜନ ଏବଂ ଜୟ ଭୀମ ୟୁଥ୍ କ୍ଲବ ପରିଚାଳନା କ୍ରମେ ଆୟୋଜିତ ଏହି ପ୍ରତିଯୋଗିତାରେ ଶିବପଦର, ଢୁରୁକିଲିମା, ଷ୍ଟେଶନ ଦହିଖାଲ, ହାତୀପଦର, ସାମଦଳା, ବଡ଼ଦହିଖାଲ ପ୍ରଭୃତି ଗ୍ରାମର ୟୁଥ୍ କ୍ଲବ୍ ଗୁଡିକ ଭାଗ ନେଇଥିଲେ। ଫାଇନାଲରେ ହାତୀପଦର ଜୟଭୀମ ୟୁଥ୍ କ୍ଲବ୍ 'କ' ଦଳ ୨ ପଏଣ୍ଟରେ ବିଜୟ ଲାଭ କରି ଟ୍ରଫି ସହ ୧୫୦୦ ଟଙ୍କା ଏବଂ ରନର୍ସ ଅପ୍ 'ଖ' ଦଳକୁ ଟ୍ରଫି ସହ ୧୦୦୦ ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବକୁ ନେହେରୁ ଯୁବ କେନ୍ଦ୍ର ପ୍ରତିନିଧି ଲକ୍ଷ୍ମୀନାରାୟଣ ସେଠୀ ପରିଚାଳନା କରିଥିଲେ। ଏଥିରେ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲା ଅଧକ୍ଷ ଜଗନ୍ନାଥ ନୁଣ୍ଡୁକା ନିମନ୍ତ୍ରିତ ଅତିଥି ଏବଂ ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବଗୋଷ୍ଠୀ କ୍ରୀଡ଼ା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ ଓ ପରିବେଶ ସୁରକ୍ଷା ପ୍ରତି ଅନୁରୂପ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାରେ ରେଫରୀ ରତ୍ନାକର ବାଥିଲିଆ, ପରିଚାଳନା କମିଟି ଅଧକ୍ଷ ରସ୍‌କି କୁଶୁଲ୍ୟା, ସାଧୁ ହିଆଳ, ପରିଚାଳକ ମୋହନ ବାଗ, କ୍ଲବ ସଭାପତି ବାସୁଦେବ ହିଆଳ, ସମ୍ପାଦକ କାନ୍ତିଲାଲ କୁଶୁଲ୍ୟା, ଗ୍ରାମ ମୁଖ୍ୟ ପ୍ରଫୁଲ୍ଲ ରାଉତ ପ୍ରମୁଖ ସହାୟତା କରିଥିଲେ।




ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଥିବା ଅତିଥିମାନେ।

# ସରକାରୀ ଘରେ ରାଜନୈତିକ ଦଳ କାର୍ଯ୍ୟାଳୟ

■ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ



ସରକାରୀ ଘରେ ଚାଲିଥିବା ଭାଜପାର କାର୍ଯ୍ୟାଳୟ

କୋରାପୁଟ,୨୮।୩(ସ୍ୱ.ପ୍ର.)

କୋରାପୁଟ ସହରରେ ଥିବା ସରକାରୀ ଗୃହରେ ଦୁଇଟି ରାଜନୈତିକ ଦଳର କାର୍ଯ୍ୟାଳୟ ଚାଲିଥିବା ବେଳେ ଏହା ନିର୍ବାଚନ କମିଶନଙ୍କ ଆଚରଣବିଧି ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଛି। କୋରାପୁଟ ମାଳିସାହି ନିକଟସ୍ଥ ଅଫିସର୍ସ କଲୋନୀ ସ୍ଥିତ ଏକ ସରକାରୀ କ୍ୱାର୍ଟରରେ ଉଭୟ ବିଜେଡି ଓ ଭାଜପାର କାର୍ଯ୍ୟାଳୟ ଚାଲିଛି। ପୂର୍ବରୁ ଏହି ସରକାରୀ କ୍ୱାର୍ଟର ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗିଙ୍କ ନାମରେ ରହିଥିଲା। ସେ ଯିବା ପରେ ତାଙ୍କ ପୁଅ ତଥା କ୍ରିଟର ଅଧକ୍ଷ ଥିବା ଅଶୋକ ପାଙ୍ଗି ଏହି କ୍ୱାର୍ଟରକୁ ନିଜର ବାସଭବନ ଭାବେ ରଖିଛନ୍ତି। ଏହି ସରକାରୀ ଗୃହରେ ବିଜେଡି ବିଭିନ୍ନ ସଭା ସମିତି କରିଆସୁଛି। ଗୁରୁବାର ଏହି କ୍ୱାର୍ଟରରେ ଅଶୋକ ପାଙ୍ଗିଙ୍କ ପିତା ତଥା କୋରାପୁଟ ଲୋକସଭା କ୍ଷେତ୍ର ପାଇଁ ଭାଜପାର ପ୍ରାର୍ଥୀ ଜୟରାମ ପାଙ୍ଗି ଏବେ ଏହି କ୍ୱାର୍ଟରକୁ ଜିଲା ଭାଜପା କାର୍ଯ୍ୟାଳୟ କରିଛନ୍ତି। ଏଠାରେ ଭାଜପା ଦଳୀୟ କାର୍ଯ୍ୟ କରୁଛି। ଅନ୍ୟପକ୍ଷରେ କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ମାଳିସାହିରେ ଥିବା କ୍ୱାର୍ଟରକୁ ବିଏସ୍‌ପିର କାର୍ଯ୍ୟାଳୟ ଭାବେ ବ୍ୟବହାର ଆରମ୍ଭ କରିଥିବା ଜଣାପଡ଼ିଛି।

# ଗଡ଼ ଫେରାଇ ଆଣିବାକୁ କଂଗ୍ରେସର ଉଦ୍ୟମ

■ ପୁରୁଣା ଚେହେରା ଆଗରେ କଂଗ୍ରେସର ନୂଆ ମୁହଁ

**ଉମରକୋଟ ନିର୍ବାଚନ ମଣ୍ଡଳୀ**

କିରଣ କୁମାର ପଟ୍ଟନାୟକ
ରାଇଘର, ୨୮।୩

ନବରଙ୍ଗପୁର ଜିଲା ଉମରକୋଟ ନିର୍ବାଚନ ମଣ୍ଡଳୀ ପୂର୍ବରୁ କଂଗ୍ରେସର ଗଡ ରହିଥିଲା। ଏପରିକି ୨୦୦୪ ନିର୍ବାଚନ ପୂର୍ବରୁ ଏଠାରେ କଂଗ୍ରେସ ଜିତି ଆସୁଥିଲା। ୨୦୦୪ ନିର୍ବାଚନ ପରଠାରୁ ଏହା ଅଣକଂଗ୍ରେସ ହାତରେ ରହିଛି। ୨୦୦୪ରେ ଭାଜପାର ଧର୍ମୁ ଗଣ୍ଡ ବିଜୟୀ ହୋଇଥିଲେ। ୨୦୦୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସ୍ୱର୍ଗୀୟ ଜଗବନ୍ଧୁ ମାଝି ଜୟଲାଭ କରିଥିଲେ । ପରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ୨୦୧୧ ଉପ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସୁବାସ ଗଣ୍ଡ ବିଜୟୀ ହୋଇଥିଲେ। ଏହା ପରେ ୨୦୧୪ରେ ମଧ୍ୟ ବିଜେଡି ପ୍ରାର୍ଥୀ ସୁବାସ ବିଜୟୀ ହୋଇଥିଲେ। ତେବେ ଚଳିତ ନିର୍ବାଚନରେ କଂଗ୍ରେସ ନିଜ ଗଡ ଫେରାଇ ଆଣିବାକୁ ନୂଆଁ ମୁହଁ ଦେଇଛି। ଯଶୋଦା ଗଣ୍ଡକୁ ପ୍ରାର୍ଥୀ କରିଛି। ପୂର୍ବ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭାବେ ଜତିନ୍ଦ୍ର ଗଣ୍ଡ ନିର୍ବାଚନ ଲଢିଆସୁଥିଲେ । ଚଳିତ ନିର୍ବାଚନରେ ଜତିନ୍ଦ୍ରଙ୍କ ବଦଳରେ ତାଙ୍କ ସ୍ତ୍ରୀ ଯଶୋଦା ମଇଦାନକୁ ଓହ୍ଲାଇଛନ୍ତି । ସେହିପରି ବିଜେଡିର ସୁବାସ



ନିତ୍ୟାନନ୍ଦ ଗଣ୍ଡ



ଯଶୋଦା ଗଣ୍ଡ



ସୁବାସ ଗଣ୍ଡ

ଗଣ୍ଡ ଓ ଭାଜପାର ନିତ୍ୟାନନ୍ଦ ଗଣ୍ଡ ପ୍ରାର୍ଥୀ ହୋଇଛନ୍ତି । ପୁରୁଣା ଚେହେରା ଆଗରେ କଂଗ୍ରେସ ଟକ୍କର ଦେବା ପାଇଁ ନୂଆ ମୁହଁ ଓହ୍ଲାଇଛି। ପଡୋଶୀ ରାଜ୍ୟ ଛତିଶଗଡ ବିଧାନସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରି କଂଗ୍ରେସ ଶାସନକୁ ଆସି ଚାଷୀ ଋଣ ଛାଡ କରିଛି । ଏହାକୁ ରାଇଘର ଅଞ୍ଚଳରେ କଂଗ୍ରେସ ଜୋରଦାର ପ୍ରଚାର କରିବା ସହ ଅନେକ ରଣକୌଶଳ ଆପଣାଇଥିବା ଦେଖିବାକୁ ମିଳୁଛି । ସେହିପରି ଭାଜପା ଏହି ଆସନ ହାତେଇବା ପାଇଁ ମଧ୍ୟ ରଣନୀତି ପ୍ରସ୍ତୁତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାର୍ତ୍ତା ଗାଁ ଗାଁ ରେ ପହଞ୍ଚାଇ ଭୋଟରଙ୍କୁ ଆପଣାଇବାରେ ପ୍ରୟାସ ଜାରି ରଖିଛନ୍ତି । ପଞ୍ଚାୟତ ନିର୍ବାଚନରେ ଭାଜପା ରାଇଘର ପଞ୍ଚାୟତ ସମିତି ଅଧକ୍ଷ ଓ ଉପାଧକ୍ଷ ହାତେଇବା ସହ ୪ଟି ଜିଲା ପରିଷଦ ଆସନ ହାତେଇଥିଲା । ଚଳିତ ନିର୍ବାଚନରେ ଭାଜପା ସେହିଭଳି ରଣକୌଶଳ ଆପଣାଇ ବିଜୟୀ ହେବା ପାଇଁ ଉଦ୍ୟମ କରିବ। ଅନ୍ୟ ପକ୍ଷରେ ପୂର୍ବନିର୍ବାଚନରେ ବିଜେଡିର ପାଖାପାଖି ଭୋଟ କଂଗ୍ରେସର ରହିଥିଲା । ସେହି କାରଣରୁ ଚଳିତ ନିର୍ବାଚନରେ ତିନି ଦଳ ମଧ୍ୟରେ କଡା ଟକ୍କର ହେବା ଚର୍ଚ୍ଚା ହେଉଛି । ଯତିନ୍ଦ୍ର ଗଣ୍ଡ ଏହି ୫ ବର୍ଷ ମଧ୍ୟରେ ଦଳର ସଂଗଠନକୁ ମଜବୁତ କରିବାରେ ଲାଗିଥିବାରୁ କଂଗ୍ରେସକୁ ସୁଯୋଗ ମିଳିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ରାଜ୍ୟ ସରକାରଙ୍କ ଯୋଜନାକୁ ଫୋକସ୍ କରି ଭୋଟ ଆପଣାଇବାକୁ ସୁବାସ ପ୍ରୟାସ ଜାରି ରଖିଛନ୍ତି। ଏହି ଅଞ୍ଚଳରେ ଆଦିବାସୀ ଭୋଟର ସଂଖ୍ୟା ଅଧିକା ରହିଛି । ଆଦିବାସୀ ଭୋଟ ସହ ବେଙ୍ଗଲୀ ଭୋଟର ଓ ଅଣ ଆଦିବାସୀ ଭୋଟର ପାଖରେ ପହଞ୍ଚି ଭୋଟ କିପରି ହାତେଇବେ ସେହି ରଣକୌଶଳରେ ୩ ପ୍ରାର୍ଥୀ ଲାଗି ପଡିଛନ୍ତି। ଗୋଟିଏ ପଟେ କଂଗ୍ରେସର ନୂଆଁ ମୁହଁ ସହ ମହିଳା ପ୍ରାର୍ଥୀ , ଅନ୍ୟ ପଟେ ଲଗାତାର ସଂଘର୍ଷ ଚଳାଇ ଆସୁଥିବା ଭାଜପା ପ୍ରାର୍ଥୀ ନିତ୍ୟାନନ୍ଦ ଓ ୨ ଥର ବିଧାୟକ ହୋଇଥିବା ସୁବାସଙ୍କ ମଧ୍ୟରେ କାହା ରଣକୌଶଳ ଏଠାରେ ବାଜି ମାରିବ ତାହା କହିବା ସହଜ ନୁହେଁ । ଏହି ନିର୍ବାଚନ ମଣ୍ଡଳୀରେ କଡା ଟକ୍କର ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ପ୍ରାର୍ଥିପତ୍ର ପ୍ରତ୍ୟାହାର କଲେ ପୂର୍ଣ୍ଣଚନ୍ଦ୍ର, ମୀନକେତନ

ପାରଳାଖେମୁଣ୍ଡି, ୨୮।୩ (ସ୍ୱ.ପ୍ର.)

ମୋହନା ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥି ପୂର୍ଣ୍ଣଚନ୍ଦ୍ର ଗମାଙ୍ଗ ଓ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ମୀନକେତନ ଜେନା ଗୁରୁବାର ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିବା ପାରଳାଖେମୁଣ୍ଡି ଉପଜିଲାପାଳଙ୍କ କାର୍ଯ୍ୟାଳୟ ତଥା ନିର୍ବାଚନ ରିଟର୍ନିଂ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ତେବେ ପୂର୍ବରୁ ମୋହନା ନିର୍ବାଚନମଣ୍ଡଳୀ ପାଇଁ ୯ଜଣ ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୮ଜଣ ପ୍ରାର୍ଥୀ ନାମାଙ୍କନ ଭରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ନାମାଙ୍କନ ପ୍ରତ୍ୟାହାର ପରେ ମୋହନା ନିର୍ବାଚନମଣ୍ଡଳୀରେ ୮ଜଣ ଓ ମୀନକେତନଙ୍କ ନାମାଙ୍କନ ପ୍ରତ୍ୟାହାର ପରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ୭ଜଣ ପ୍ରାର୍ଥୀ ନିର୍ବାଚନ ଲଢିବେ। ମୀନକେତନ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପରେ ବିଜେଡିରେ ମିଶିଛନ୍ତି। ପାରଳାଖେମୁଣ୍ଡି ରାଜପରିବାରର କଲ୍ୟାଣୀ ଦେବୀଙ୍କୁ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରୁ ବିଜେଡି ବିଧାୟକ ପ୍ରାର୍ଥୀ କରିଛି। ତେଣୁ ତାଙ୍କୁ ସହଯୋଗ କରିବାକୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛି ବୋଲି ମୀନକେତନ କହିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ମୀନକେତନ ଜଣେ ଚାଷୀନେତା ହିସାବରେ ଗଜପତି ଜିଲା ଗୋଷାଣୀ ବ୍ଲକରେ ବେଶ୍ ଜଣାଶୁଣା। ତେବେ ସେ ଦଳରେ ମିଶିବା ପରେ ବିଜେଡି ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି।

# ଜୟପୁରରୁ ଭାଜପାର ପୂର୍ବ ଭାରତ ପ୍ରଚାର ଅଭିଯାନ

ଜୟପୁର,୨୮।୩(ନି.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ଉପକଣ୍ଠ ବାଙ୍କବିଜ ପଡିଆରେ ଶୁକ୍ରବାର ଭାଜପାର ପୂର୍ବ ଭାରତ ପ୍ରଚାର ଅଭିଯାନର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତାଙ୍କର ଏହି ଗସ୍ତ ପୂର୍ବରୁ ଜୟପୁରରେ ଡେରା ପକାଇଛନ୍ତି ଭାଜପାର ରାଜ୍ୟସ୍ତରୀୟ ନେତୃବୃନ୍ଦ। ଗୁରୁବାର ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହେଲିକପ୍ଟର ଯୋଗେ ଜୟପୁର ଏୟାରଷ୍ଟ୍ରିପ୍‌ରେ ଓହ୍ଲାଇବା ପରେ ସଭାସ୍ଥଳରେ ପହଞ୍ଚି ସମସ୍ତ ପ୍ରସ୍ତୁତି ତଦାରଖ କରିଛନ୍ତି।

ଅବିଭକ୍ତ କୋରାପୁଟ ଜିଲାର ୨ଟି ସଂସଦୀୟ କ୍ଷେତ୍ର ଓ ୧୪ଟି ବିଧାନସଭା ଆସନରେ ଭାଜପା ଦେଇଥିବା ପ୍ରାର୍ଥୀଙ୍କ ପାଇଁ ମୋଦି ପ୍ରଚାର କରିବେ। ନିର୍ବାଚନରେ ଅବିଭକ୍ତ କୋରାପୁଟର ଅଧିକାଂଶ ଆସନରେ ବିଜୟୀ ହେବା ଆଶା ପ୍ରକଟ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୁକ୍ରବାର ଲକ୍ଷ୍ମଣ ନାୟକଙ୍କ ଜନ୍ମ ଦିବସ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଏଠିକାର ଜନସାଧାରଣଙ୍କୁ ସମ୍ବୋଧନ କରିବେ । ସେ ଗରିବ ଶ୍ରେଣୀ, କୃଷକ ଓ ଶ୍ରମିକଙ୍କୁ ବିଶେଷ ପ୍ରାଥମିକତା ଦେବେ। କୁନ୍ଦୁଲି ପୀଡ଼ିତା, ବେବିନା ହତ୍ୟା ଘଟଣା, ଚାଷୀ ଆତ୍ମହତ୍ୟା ଭଳି ପ୍ରସଙ୍ଗ ନେଇ ଭାଜପା ନିର୍ବାଚନ ମଇଦାନକୁ ଓହ୍ଲାଇବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଗୁରୁବାର ପ୍ରସ୍ତୁତି ତଦାରଖ ବେଳେ ଧର୍ମେନ୍ଦ୍ରଙ୍କ ସହ ଜୟପୁରରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ଏମ୍‌ପି ତଥା ଭାଜପା



ପ୍ରସ୍ତୁତି ତଦାରଖ କରୁଛନ୍ତି ଭାଜପା ରାଜ୍ୟ ନେତୃବୃନ୍ଦ।

ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ଗୁରୁବାର ପୁଣିଥରେ ପଦ୍ମଦଳକୁ ଫେରିଥିବା ବରିଷ୍ଠ ନେତା ବିଜୟ ମହାପାତ୍ର, କୋରାପୁଟ ଲୋକସଭା ପ୍ରାର୍ଥୀ ଜୟରାମ ପାଙ୍ଗି, ଜୟପୁର ବିଧାନସଭା ପ୍ରାର୍ଥୀ ଗୌତମ ସାମନ୍ତରାୟ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚଳିତ ଥର କୋରାପୁଟ ଲୋକସଭା କ୍ଷେତ୍ରରେ ଭାଜପା ଜୟରାମ ପାଙ୍ଗିଙ୍କୁ ପ୍ରାର୍ଥୀ କରିଥିବା ବେଳେ ନବରଙ୍ଗପୁର ଲୋକସଭା କ୍ଷେତ୍ରରେ ବଳଭଦ୍ର ମାଝିଙ୍କୁ ପ୍ରାର୍ଥୀ କରିଛି। ଏହି ଦୁଇଜଣ ପୂର୍ବରୁ ନିଜ ନିଜ ସଂସଦୀୟ କ୍ଷେତ୍ରରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ସେତେବେଳେ ସେମାନେ ବିଜେଡିରୁ ସଂସଦକୁ ନିର୍ବାଚିତ ହୋଇଥିବା ବେଳେ ଏବେ ଭାଜପାରୁ ପ୍ରାର୍ଥୀ ହୋଇ ପୁଣିଥରେ ଲୋକସଭାକୁ ପ୍ରତିନିଧିତ୍ୱ କରିବା ପାଇଁ ଆଶା ବାନ୍ଧିଛନ୍ତି। ତେବେ ବିଧାନସଭା କ୍ଷେତ୍ରରେ ଅବିଭକ୍ତ କୋରାପୁଟ ଜିଲାର ୧୪ଟି ନିର୍ବାଚନ ମଣ୍ଡଳୀରେ ଗତ ଦୁଇଟି ନିର୍ବାଚନ ଭାଜପା ପାଇଁ ଉତ୍ସାହଜନକ ରହି ନଥିଲା। ୨୦୦୯ ଓ ୨୦୧୪ ନିର୍ବାଚନରେ ଅବିଭକ୍ତ କୋରାପୁଟର ୨ଟି ସଂସଦୀୟ କ୍ଷେତ୍ର ଓ ୧୪ଟି ବିଧାନସଭା ଆସନରେ ଜଣେ ହେଲେ ବି ଭାଜପା ନେତା ଏମ୍‌ପି କିମ୍ବା ବିଧାୟକ ଭାବେ ବିଜୟ ଲାଭ କରି ନଥିଲେ। ୨୦୦୪ରେ ଉମରକୋଟ ଓ ଚିତ୍ରକୋଣ୍ଡାରେ ଭାଜପାର ପ୍ରାର୍ଥୀ ଜିତିଥିଲେ। ଏବେ ପ୍ରଧାନମନ୍ତ୍ରୀ ମୋଦି ଜୟପୁରରୁ ପୂର୍ବ ଭାରତର ପ୍ରଚାର ଅଭିଯାନ ଆରମ୍ଭ କରିବା ପରେ ଅବିଭକ୍ତ କୋରାପୁଟର ଚିତ୍ର କ'ଣ ରହିବ, ତାହା ନିର୍ବାଚନୀ ଫଳ ହିଁ ସ୍ପଷ୍ଟ କରିବ।

# କେହି କଲେନି ପ୍ରାର୍ଥିପତ୍ର ପ୍ରତ୍ୟାହାର

■ ଗୁଣପୁରରେ ୬ , ବିଷମକଟକରେ ୫ ପ୍ରାର୍ଥୀ ମଇଦାନରେ

ଗୁଣପୁର,୨୮।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଏବଂ ବିଷମକଟକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆସନ୍ତା ୧୧ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ନାମାଙ୍କନ ପତ୍ର ଦାଖଲ ହୋଇଥିଲା । ହେଲେ ଗୁରୁବାର କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରି ନାହାନ୍ତି । ଫଳରେ ଗୁଣପୁରରେ ୬ ଏବଂ ବିଷମକଟକରେ ୫ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ଗୁଣପୁର ଭାଜପାର ପ୍ରାର୍ଥୀ ଭାବେ ଶିଶିର ଗମାଙ୍ଗ, ବିଜେଡିରୁ ରଘୁନାଥ ଗମାଙ୍ଗ, କଂଗ୍ରେସରୁ ପୁରୁଷୋତ୍ତମ ଗମାଙ୍ଗ, ବିଏସପିରୁ କୈଳାସ ଶବର , ସ୍ୱାଧୀନ ପ୍ରାର୍ଥୀ ବିଧାୟକ ତ୍ରିନାଥ ଗମାଙ୍ଗ ଏବଂ ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁତ୍ତିକା ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତାରେ ରହିଛନ୍ତି । ତ୍ରିନାଥଙ୍କୁ ମାଠିଆ ଚିହ୍ନ ମିଳିଥିବାବେଳେ ମୁତ୍ତିକାଙ୍କୁ ଷ୍ଟୁଲ ଚିହ୍ନ ମିଳିଛି । ସେହିପରି ବିଷମକଟକ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପାଇଁ ନୀଳମାଧବ ହିକ୍‌କା, ଭାଜପାରୁ ଶିବଶଙ୍କର ଉଲ୍ଲାକା, ବିଜେଡିରୁ ବିଧାୟକ ଜଗନ୍ନାଥ ସାରକା , ବିଏସପି ଜିତୁ ଝାକସିକା ଏବଂ ସିପିଆଇଏମଏଲର ପ୍ରାସ୍କା ରାମଚନ୍ଦ୍ର ଏପରି ୫ ଜଣ ନିର୍ବାଚନରେ ଲଢିବାକୁ ଯାଉଛନ୍ତି ।

# ବିଜେଡି ଛାଡ଼ିଲେ ବେଦବ୍ୟାସ

ନବରଙ୍ଗପୁର,୨୮।୩(ଡି.ଏନ.ଏ.)

ଜିଲାପରିଷଦ ସଭ୍ୟ ତଥା ନବରଙ୍ଗପୁର ବିଜେଡି ବ୍ଲକ ସଭାପତି ବେଦବ୍ୟାସ ଭତରା ତାଙ୍କ ଇସ୍ତଫାପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପଠାଇଥିବା ସୂଚନା ଦେଇଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସେ ଆଶାୟୀ ପ୍ରାର୍ଥୀ ରହିଥିଲେ । ଦଳ ତାଙ୍କୁ ଅଣଦେଖା କରିବାନେଇ ସେ ବହୁ ଥର ନେତୃମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତଥାପି କୌଣସି ସୁଫଳ ମିଳିଲା ନାହିଁ । ଶେଷରେ ସେ ଦଳରୁ ଟିକେଟ ପାଇବାରୁ ବଞ୍ଚିତ ହୋଇଥିଲେ। ସେଥିପାଇଁ ସେ ଏଥର ସ୍ୱାଧିନ ପ୍ରାର୍ଥୀ ଭାବେ ନାମାଙ୍କନ ପାତ୍ର ଦାଖଲ କରିଥିଲେ।



ଦଳରୁ ବହିଷ୍କାର ପୂର୍ବରୁ ସେ ନିଜ ପକ୍ଷରୁ ଇସ୍ତଫାପତ୍ର ପଠାଇଥିବା କହିଛନ୍ତି।

# ଚିତ୍ରକୋଣ୍ଡାରେ ଜଣଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର

■ ପ୍ରତିଦ୍ୱନ୍ଦ୍ୱିତା କରିବେ ମାଲକାନଗିରିରେ ୭, ଚିତ୍ରକୋଣ୍ଡାରେ ୬

ମାଲକାନଗିରି,୨୮।୩(ଡି.ଏନ.ଏ.)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଗୁରୁବାର ଥିଲା ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିବସ। ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭୀମସେନ ନାୟକ ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ଏହି ନିର୍ବାଚନ ମଣ୍ଡଳୀରେ ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ। କଂଗ୍ରେସର ଲକ୍ଷ୍ମୀପ୍ରିୟା ନାୟକ,ଭାଜପାର ପଦୁ ମାଝି, ବିଜେଡିର ପୂର୍ଣ୍ଣଚନ୍ଦ୍ର ବାକା, ବିଏସପିର ସନାତନ କବାସୀ, ସମତାକ୍ରାନ୍ତି ଦଳର ଘେନୁ ମୁଦୁଲି ଓ ସ୍ୱାଧୀନ ପ୍ରାର୍ଥୀ ବାଲାରାଜୁ କୋପେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିଭଳି ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ କୌଣସି ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହର କରିନାହାନ୍ତି। ମୋଟ ୭ ଜଣ କଂଗ୍ରେସର ମାଲା ମାଢ଼ୀ, ଭାଜପାର ଆଦିତ୍ୟ ମାଢୀ, ବିଜେଡିର ମୁକୁନ୍ଦ ସୋଡ଼ି, ବିଏସପିର ଜରାଶବର ମାଢୀ, ହିନ୍ଦୁସ୍ଥାନ ନିର୍ମାଣ ଦଳର ବିଜୟ କୁମାର ନାୟକ, ସ୍ୱାଧୀନ ପ୍ରାର୍ଥୀ ଉଦୟ ନାରାୟଣ ବୁରୁଦା ଓ ପାର୍ବତୀ ନାୟକ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ ରାମେଶ୍ୱର ପ୍ରଧାନ କହିଛନ୍ତି।

# ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ କାଳିମେଳା ଗସ୍ତ



ଏମ୍‌ପି, ବିଧାୟକ ପ୍ରାର୍ଥୀମାନେ କର୍ମୀମାନଙ୍କ ସହ ଆଲୋଚନା କରୁଛନ୍ତି ।

କାଳିମେଳା,୨୮।୩(ଡି.ଏନ.ଏ)

ମାଲକାନଗିରି ଜିଲା କାଳିମେଳା ଭାଜପା ପକ୍ଷରୁ ଏକ ସାଧାରଣ ସଭା ଏମଭି-୯୦ ଗ୍ରାମର ହରିନାରାୟଣ ମନ୍ଦିର ନିକଟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମପି ପ୍ରାର୍ଥୀ ଇଂ. ବଳଭଦ୍ର ମାଝି ଯୋଗ ଦେଇଥିଲେ। ମାଝି ବିଜେଡିରୁ ଇସ୍ତାଫା ଦେଇ ଭାଜପାରେ ସାମିଲ ହେବା ପରେ ତାଙ୍କୁ ଏମପି ପ୍ରାର୍ଥୀ କରାଯାଇଛି। ସେ ତାଙ୍କର ନାମାଙ୍କନପତ୍ର ଦାଖଲ କରିବା ପରେ ଗୁରୁବାର ପ୍ରଥମ ଥର କାଳିମେଳା ବ୍ଲକ ଗସ୍ତ କରିଥିଲେ। ଜିଲ୍ଲା ସଭାପତି ଅଶୋକ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମାଲକାନଗିରି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଆଦିତ୍ୟ ମାଢି, କାଳିମେଳା ବ୍ଲକ ସଭାପତି ରତ୍ନାକର ପାଣିଗ୍ରାହୀ,ସମ୍ପାଦକ ବିସିକେସନ ଦାସ, ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ, ଗଣେଷ ମଣ୍ଡଳଙ୍କ ସମେତ ଶତାଧୀକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୫ ବର୍ଷରେ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ବିଧାୟକ ପ୍ରାର୍ଥୀ ମାଢି ବିଜେଡି ସରକାରର ସମାଲୋଚନା କରି ୧୯ ବର୍ଷର ଏହି ସରକାର ବଦଳିବା ଦରକାର ବୋଲି କହିଥିଲେ । ଏହି ଅବସରରେ କର୍ତ୍ତନପାଲ୍ଲୀ ଗ୍ରାମର ଗୋପୀନାଥ ବଡନାୟକ, ଭଗବାନ କାନ୍ତାରୀ, ମନୋଜ ଖିଲ ଅନ୍ୟଦଳ ଛାଡି ଭାଜପାରେ ଯୋଗ ଦେଇଥିଲେ ।

## ୨ ପ୍ରାର୍ଥିପତ୍ର ପ୍ରତ୍ୟାହାର

ନବରଙ୍ଗପୁର,୨୮।୩(ବି.ପ୍ର.)

ନବରଙ୍ଗପୁର ଜିଲାରୁ ୨ ଜଣ ପ୍ରାର୍ଥୀ ଗୁରୁବାର ନିଜର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ଟୋପିରାମ ନାୟକ ଓ ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ କୃଷ୍ଣ ମାଝି ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି।

# ଭାଜପାରେ ମିଶିଲେ ବିଜେଡି କାଉନସିଲରଙ୍କ ସମେତ ଶତାଧିକ ମହିଳା

କୋରାପୁଟ,୨୮।୩(ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୟପୁର ଗସ୍ତ ପୂର୍ବରୁ ଭାଜପାର ମିଶ୍ରଣ ପର୍ବରେ ଗୁରୁବାର କୋରାପୁଟ ପୌର ପରିଷଦର ବିଜେଡି କାଉନସିଲର ମହେଶ୍ୱର ବାଘଙ୍କ ସମେତ ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ସଦସ୍ୟ ଭାଜପାରେ ଯୋଗ ଦେଇଛନ୍ତି। ସ୍ଥାନୀୟ ଜିଲା ଭାଜପା କାର୍ଯ୍ୟାଳୟରେ ଜିଲା ଉପସଭାପତି ପୂର୍ଣ୍ଣିମା ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା କୋରାପୁଟ ଲୋକସଭା ପ୍ରାର୍ଥୀ ଜୟରାମ ପାଙ୍ଗି, କୋରାପୁଟ ବିଧାନସଭା ପ୍ରାର୍ଥୀ ତ୍ରିପୁରାରୀ ଗରଡ଼ାଙ୍କ ସମେତ ବହୁ ନେତାଙ୍କ ଉପସ୍ଥିତିରେ ବିଜେଡି କାଉନସିଲର ମହେଶ୍ୱର ବାଘଙ୍କ ସମେତ ଶତାଧିକ ମହିଳା ପଦ୍ମ ଶିବିରରେ ଯୋଗ ଦେଇଥିଲେ।

# ନାମାଙ୍କନ ପ୍ରତ୍ୟାହାର କଲେ ୨ ପ୍ରାର୍ଥୀ

■ କୋରାପୁଟ, ଲକ୍ଷ୍ମୀପୁର, ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ପାଇଁ ୧୯ ପ୍ରାର୍ଥୀ

■ କୋରାପୁଟ ଲୋକସଭା ନିର୍ବାଚନ ରଣାଙ୍ଗନରେ ୭ ପ୍ରାର୍ଥୀ

କୋରାପୁଟ,୨୮।୩(ସ୍ୱ.ପ୍ର.)

ସାଧାରଣ ନିର୍ବାଚନ କ୍ରମରେ ଗୁରୁବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଦିବସ ଥିଲା। କୋରାପୁଟ ବିଧାନସଭା ଆସନର ସ୍ୱାଧୀନ ପ୍ରାର୍ଥୀ ବିପଦ ରଞ୍ଜନ ଦାସ ଓ ପୂର୍ଣ୍ଣଚନ୍ଦ୍ର ପାଙ୍ଗି କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁରଙ୍କ ପାଖରେ ପହଞ୍ଚି ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ବର୍ତ୍ତମାନ କୋରାପୁଟ, ପଟ୍ଟାଙ୍ଗି ଓ ଲକ୍ଷ୍ମୀପୁର ବିଧାନସଭା କ୍ଷେତ୍ରରେ ମୋଟ ୧୯ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ରହିଛନ୍ତି। କୋରାପୁଟ ବିଧାନସଭା ଆସନରେ ରହିଥିବା ୮ ଜଣ ପ୍ରାର୍ଥୀ ହେଲେ ବିଜେଡିରୁ ରଘୁରାମ ପଡାଲ, କଂଗ୍ରେସରୁ କୃଷ୍ଣ କୁଲଦୀପ, ଭାଜପାରୁ ତ୍ରିପୁରାରୀ ଗରଡ଼ା, ବିଏସ୍‌ପିରୁ ଭାଗିରଥି ପାଟନିଆ, ଭାରତୀୟ ଫରୱାର୍ଡ ବ୍ଲକରୁ ପ୍ରଭାକର ହନ୍ତାଳ, ଏସୟୁସିଓଆଇରୁ ରାମ ବାରିକ, ସ୍ୱାଧୀନ ପ୍ରାର୍ଥୀ ଖଗପତି ଖୋସ୍ଲା, ନବ କିଶୋର ବାଘ। ସେହିପରି ପଟ୍ଟାଙ୍ଗି ବିଧାନସଭା ଆସନରେ କୌଣସି ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିନାହାନ୍ତି। ବର୍ତ୍ତମାନ ଏହି ଆସନରେ ବିଜେଡିରୁ ପ୍ରୀତମ ପାଢ଼ୀ, କଂଗ୍ରେସରୁ ରାମଚନ୍ଦ୍ର କାଡାମ, ଭାଜପାରୁ ରାମଚନ୍ଦ୍ର ପାଙ୍ଗି, ବିଏସ୍‌ପିରୁ ମୁରଲିଧର ଗୁଣ୍ଟା, ସ୍ୱାଧୀନ ପ୍ରାର୍ଥୀ ଚୈତନ୍ୟ ନନ୍ଦିବାଲି, କୃଷ୍ଣଚନ୍ଦ୍ର ଜାନି ପ୍ରାର୍ଥୀ ରହିଛନ୍ତି। ଲକ୍ଷ୍ମୀପୁର ଆସନରେ ମଧ୍ୟ କେହି ପାର୍ଥିପତ୍ର ପ୍ରତ୍ୟାହାର କରି ନଥିବା ଜଣାପଡ଼ିଛି। ସେଠାରେ ବିଜେଡିରୁ ପ୍ରଭୁ ଜାନି, କଂଗ୍ରେସରୁ କୈଳାସ କୁଲେସିକା, ଭାଜପାରୁ କୁମୁଦ ସାଉଁତା, ବିଏସ୍‌ପିରୁ ଅନିତା ସଗରିଆ, ସିପିଆଇ ଏମ୍‌ଏଲ ରେଡଷ୍ଟାରରୁ ପୂର୍ଣ୍ଣଚନ୍ଦ୍ର ମାଣ୍ଡାଙ୍ଗି ନିର୍ବାଚନ ମଇଦାନରେ ରହିଛନ୍ତି। କୋରାପୁଟ ଲୋକସଭା ଆସନରେ କେହି ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନଥିବା ବେଳେ ମଇଦାନରେ ୭ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନେ ହେଲେ ବିଜେଡିରୁ କୌଶଲ୍ୟା ହିକ୍‌କା, କଂଗ୍ରେସରୁ ସପ୍ତଗିରି ଉଲାକା, ଭାଜପାରୁ ଜୟରାମ ପାଙ୍ଗି, ବିଏସ୍‌ପିରୁ ଭାସ୍କର ମୁତ୍ତିକା, ସିପିଆଇ ଲିବେରେସନରୁ ଦାମୋଦର ଶବର, ସିପିଆଇ ଏମ୍‌ଏଲ୍ ରେଡଷ୍ଟାରର ରାଜେନ୍ଦ୍ର କେନ୍ଦୁକା ଓ ଆମ୍ବେଦକର ପାର୍ଟି ଅଫ ଇଣ୍ଡିଆରୁ ବନମାଳି ମାଝି ନିର୍ବାଚନରେ ଅବତୀର୍ଣ୍ଣ ହେବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ମାର୍ଚ୍ଚ ୨୯/୨୦୧୯ Rayagada, Friday, March 29/ 2019


## ସଂକ୍ଷେପରେ

### ଅଶ୍ଳୀଳ ଭିଡିଓ ଭାଇରାଲ, ବଳାତ୍କାର କରି ଯୁବକ ଗିରଫ

ନବରଙ୍ଗପୁର,୨୮।୩(ବି.ପ୍ର)- ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଓ ଜଣେ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ପାପଡାହାଣ୍ଡି ବ୍ଲକ ଦଳେଇଗୁଡା ଗ୍ରାମର ଗୌରାଙ୍ଗ ବାଘଙ୍କୁ ନବରଙ୍ଗପୁର ପୋଲିସ ଗିରଫ କରିଛି। ଗୌରାଙ୍ଗ ବିଭିନ୍ନ ସମୟରେ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ଯୁବତୀଙ୍କ ଅଜାଣତରେ ଏହାର ଭିଡିଓ ପ୍ରସ୍ତୁତ କରିଥିଲେ। ତେବେ ଯୁବତୀ ଜଣକ ପରବର୍ତ୍ତୀ ସମୟରେ ସମ୍ପର୍କ ରଖିବାକୁ ଗୌରାଙ୍ଗଙ୍କୁ ମନା କରିଥିଲେ। ଏଥିରେ ରାଗିଯାଇ ଅଶ୍ଳୀଳ ଭିଡିଓକୁ ଗୌରାଙ୍ଗ ଭାଇରାଲ କରିଥିଲେ। ଯୁବତୀ ଜଣକ ଅଭିଯୋଗ କ୍ରମେ ନବରଙ୍ଗପୁର ପୋଲିସ ଗୌରାଙ୍ଗଙ୍କୁ ଗିରଫ କରିଛି। ଥାନାରେ ୮୨/୧୯ରେ ଏକ ମାମଲା ରୁଜୁ ହୋଇଛି।

### କଂଗ୍ରେସର ବୁଥସ୍ତରୀୟ ପ୍ରଚାର ଅଭିଯାନ

କୋଷାଗୁମୁଡା,୨୮।୩(ଡି.ଏନ.ଏ)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକର ମୋତିଗାଁ ପଞ୍ଚାୟତରେ କଂଗ୍ରେସ କର୍ମୀମାନେ ବୁଥସ୍ତରୀୟ ପ୍ରଚାର ଆରମ୍ଭ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ବିଷୟରେ ଲୋକଙ୍କୁ ବୁଝାଇଥିଲେ। କଂଗ୍ରେସ ସରକାର ଆସିଲେ କୃଷି ଋଣ ଛାଡ, ଧାନ ମୂଲ୍ୟ ବୃଦ୍ଧି କରିବା ସହ ବେକାରୀ ସମସ୍ୟା ଦୂର ଓ ପେନସନ ବୃଦ୍ଧି କରିବା ସମ୍ପର୍କରେ ଭୋଟରଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ଉପ ସଭାପତି ଧରମ ସିଂ, ବ୍ଲକ ଉପାଧକ୍ଷ ପଦମସାଏ ମାଳୀ, ଜୋନ ସଭାପତି ଚିତ୍ତରଞ୍ଜନ ଗୌଡ, ମୋତିଗାଁ ସରପଞ୍ଚ, ଜିଲା ପରିଷଦ ସଭ୍ୟ ଯୁଗଧର ହରିଜନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୋତିଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ମୀନ ଭତ୍ରା, ଗୁରୁ ମାଝି, ସନ ପୂଜାରୀ, ମନବଧ ଭତ୍ରା, ଗିରିଧର ପୂଜାରୀ କଂଗ୍ରେସରେ ଯୋଗ ଦେଇଥିଲେ।

# ବେପାରୀଙ୍କଠାରୁ ୪ ଲକ୍ଷ ଲୁଟିନେଲେ ଦୁର୍ବୃତ୍ତ

ଜୟପୁର,୨୮।୩(ଡି.ଏନ୍.ଏ.)

ଜୟପୁର ସହରରେ ଦିନ ଦିପହରେ ଜନଗହଳିପୂର୍ଣ୍ଣ ଜଗତଜନନୀ ମନ୍ଦିର ଛକ ଭିଆଇପି ଲାଇନରେ ଲୁଟ୍‌ର ଶିକାର ହୋଇଛନ୍ତି ଜଣେ ବ୍ୟବସାୟୀ। ୨ ଜଣ ଦୁର୍ବୃତ୍ତ ଜଣେ କାଜୁ ବ୍ୟବସାୟୀଙ୍କଠାରୁ ୪ ଲକ୍ଷ ଛଡ଼ାଇ ବାଇକ୍‌ରେ ଚମ୍ପଟ ମାରିଛନ୍ତି । ଏନେଇ ବ୍ୟବସାୟୀ ଜଣକ ସେହିଦିନ ଥାନାରେ ଏତଲା ଦେଇଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତକୁ ନେଇ ପୋଲିସ କାର୍ଯ୍ୟ ବ୍ୟସ୍ତତା ଦର୍ଶାଇ ମାମଲା ରୁଜୁ କରିନାହିଁ। ତେବେ ଲୁଟ୍‌ବେଳର ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି। ସୂଚନା ଅନୁଯାୟୀ, ଗତ ବୁଧବାର ଦିନ ଗୋଟାଏରେ ଭିଆଇପି ଲାଇନର ବାସିନ୍ଦା ଶ୍ରୀକାନ୍ତ ସାବତ ଆନ୍ଧ୍ର ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଉଠାଇ ନିଜ ବାଇକ ଡିକିରେ ରଖୁଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ସେଠାରେ ପହଞ୍ଚି ତାଙ୍କଠାରୁ ଟଙ୍କା ବ୍ୟାଗ୍ ଛଡ଼ାଇ ନେଇଥିଲେ। ଟାଣିବା ବେଳେ ବ୍ୟାଗ୍‌ରୁ ୧ ଲକ୍ଷ ଟଙ୍କାର ଏକ ବଣ୍ଡଲ ଖସିପଡ଼ିଥିବା ବେଳେ ବଳକା ୪ଲକ୍ଷ ଟଙ୍କା ଥିବା ବ୍ୟାଗ୍ ନେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଏହାର ଚିତ୍ର ସିସିଟିଭିରେ ମଧ୍ୟ ରହିଛି। ଟାଉନ ଥାନାକୁ ଯୋଗାଯୋଗ କରିବାରୁ ଦାୟିତ୍ୱରେ ଥିବା କର୍ମଚାରୀ ଏନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି କହିଥିଲେ।



ସିସିଟିଭି ଫୁଟେଜରେ ଲୁଟ୍ ବେଳର ଦୃଶ୍ୟ ।

## ■ ଜୟପୁର ଓ କୋଟପାଡ଼ ବିଧାନସଭା ଆସନ
# ନାମାଙ୍କନ ପ୍ରତ୍ୟାହାର ପରେ ମଇଦାନରେ ୧୩ ପ୍ରାର୍ଥୀ

ଜୟପୁର,୨୮।୩ (ଡି.ଏନ୍.ଏ.)

ଜୟପୁର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଗୁରୁବାର ପ୍ରାର୍ଥୀଙ୍କ ଅନ୍ତିମ ସୂଚୀ ପ୍ରକାଶ କରିଛନ୍ତି। ଏଥିରେ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୮ଜଣ ଏବଂ କୋଟପାଡ଼ ପାଇଁ ୫ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ । ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ମତଦାନ ଅନୁଷ୍ଠିତ ହେବ । ସେଥିପାଇଁ ସମସ୍ତ ସ୍ୱାଧୀନ ପ୍ରାର୍ଥୀଙ୍କୁ ନିର୍ବାଚନୀ ଚିହ୍ନ ପ୍ରଦାନ କରାଯାଇଛି । ଗତ ସୋମବାର ଜୟପୁର ନିମନ୍ତେ ୧୨ଜଣ ଏବଂ କୋଟପାଡ଼ ନିମନ୍ତେ ୯ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ । କିନ୍ତୁ ନାମାଙ୍କନ ଦାଖଲ ଦିନ ହିଁ ଜୟପୁର ଏବଂ କୋଟପାଡ଼ ବିଧାନସଭା ନିମନ୍ତେ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିଥିଲେ। ସେହିପରି ଗତ ମଙ୍ଗଳବାର ଜୟପୁର ନିମନ୍ତେ ୨ଜଣ ଏବଂ କୋଟପାଡ଼ର ୩ଜଣ ପ୍ରାର୍ଥୀଙ୍କ ନାମାଙ୍କନ ଖାରଜ ହୋଇଥିଲା । ବୁଧବାର ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ଇନ୍ଦିରା ନନ୍ଦ (ବିଜେଡି ପ୍ରାର୍ଥୀ ରବି ନନ୍ଦଙ୍କ ସ୍ତ୍ରୀ) ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିଲେ । ଆଗାମୀ ନିର୍ବାଚନ ନିମନ୍ତେ ଜୟପୁରର ୬ଜଣ ଦଳୀୟ ପ୍ରାର୍ଥୀ, ୨ ଜଣ ସ୍ୱାଧୀନ ଏବଂ କୋଟପାଡ଼ରୁ ୪ଜଣ ଦଳୀୟ ପ୍ରାର୍ଥୀ, ଜଣେ ସ୍ୱାଧୀନ ଭାବେ ମଇଦାନରେ ଲଢ଼ିବେ।

## ମକିଆ ସରପଞ୍ଚ ସମର୍ଥକଙ୍କ ସହ କଂଗ୍ରେସରେ ମିଶିଲେ

ନବରଙ୍ଗପୁର,୨୮।୩(ବି.ପ୍ର.)–

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମକିଆ ପଞ୍ଚାୟତ ସରପଞ୍ଚ ପୁଷ୍ପାଞ୍ଜଳୀ ନାଚିକା ତାଙ୍କ ସମର୍ଥକଙ୍କ ସହ ବିଜେଡି ଛାଡି ଗୁରୁବାର କଂଗ୍ରେସରେ ଯୋଗ ଦେଇଛନ୍ତି । ପୂର୍ବତନ ଏମପି ତଥା ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ଜିଲାସଭାପତି ମୁନା ତ୍ରିପାଠୀ, ଡାବୁଗାଁ ବିଧାୟକ ତଥା କଂଗ୍ରେସ ପ୍ରାର୍ଥୀ ଭୂଜବଳ ମାଝୀ, ପଶ୍ଚିମାଞ୍ଚଳ ସଂଖ୍ୟାଲଘୁ ସେଲ ଅଧକ୍ଷ ଅବଦୁଲ ଫିରୋଜ, ୱାର୍ଡ ସଭ୍ୟ ଭାସ୍କର ବିଷୋୟୀ, ଶିବପ୍ରସାଦ ଅଗ୍ରୱାଲ, ଅମିତ ପ୍ରଧାନ, ଭୀମ ହରିଜନ, ଇଶ୍ୱର ମିରଗାନ ଓ ଆକବର ହୁସେନଙ୍କ ଉପସ୍ଥିତିରେ ପୁଷ୍ପାଞ୍ଜଳୀ କଂଗ୍ରେସରେ ସାମିଲ ହୋଇଛନ୍ତି।








## ■ ଯନ୍ତ୍ରଣାରେ ଦିନ କାଟୁଛନ୍ତି କତାରୁ
# ପେଟ ଆଗ, ପଥ୍ୟ ଚିନ୍ତା ପଛରେ ପଡ଼ିଛି



ଅସୁସ୍ଥ କତାରୁ ଜାନି ।

ଦଶମନ୍ତପୁର,୨୮।୩(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡା ପଞ୍ଚାୟତ ଅଧୀନରେ ଥିବା ବଡ଼ବାଗ୍ରୀ ଗ୍ରାମର ଜଣେ ୯୦ ବର୍ଷୀୟ ବୃଦ୍ଧ ଆନ୍ତ୍ରାକ୍ସ ରୋଗରେ ପୀଡ଼ିତ ଅଛନ୍ତି। ସେ ହେଲେ ବାରେଙ୍ଗସାହିର କତାରୁ ଜାନି (୯୦)। ସ୍ତ୍ରୀ ପାର ଜାନି ଓ ଏକମାତ୍ର ଝିଅକୁ ନେଇ ତାଙ୍କ ସଂସାର। ଝିଅକୁ ନିକଟସ୍ଥ ଫଟକିଜାନି ଗ୍ରାମରେ ବିବାହ ଦେବା ପରେ କତାରୁ ଓ ପାର ବହୁ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। କତାରୁଙ୍କ କହିବାନୁସାରେ କିଛି ମାସ ତଳେ ନିକଟସ୍ଥ ନଦୀଖଣ୍ଡିରେ ଝାଟି ମାରିବାକୁ ଯାଇଥିବା ବେଳେ ବାମପଟ ଆଙ୍ଗୁଠିରେ କଣ୍ଟା ବାଜିଥିଲା। ଧୀରେଧୀରେ ଆଙ୍ଗୁଠି ଓ ହାତ ଫୁଲିବା ସହ ଯନ୍ତ୍ରଣା ହେଉଛି। ଫଳରେ କାମଧନ୍ଦାକୁ ଯାଇ ନ ପାରି ପ୍ରାୟତଃ ଘରେ ବସି ରହୁଥିବା କତାର ପ୍ରକାଶ କରିଛନ୍ତି। କିଛି ଦିନ ତଳେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଫେରିଥିଲେ ମଧ୍ୟ ଆନ୍ତ୍ରାକ୍ସ ହୋଇଥିବା ଡାକ୍ତର କହିଥିଲେ। ଗତ ୨୦ ତାରିଖ ସିଡିଏମ୍‌ଓ ଦଧିବାମନ ତ୍ରିପାଠୀ ସେହି ଗାଁ ଅନୁଧ୍ୟାନ କରି ରୋଗୀଙ୍କୁ ମାଗଣାରେ ଔଷଧ ଦେବା ପାଇଁ ଏଡିଏମ୍‌ଓ ଅରୁଣ ପାଢ଼ୀ ଓ ଡିଏସ୍‌ଏସ୍‌ଓ ଡଃ ଏସ. ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେବା ସହ କତାରଙ୍କୁ ଜିଲା ଚିକିତ୍ସାଳୟକୁ ଆସିବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ପଇସା ନଥିବାରୁ କତାରୁ ସେଠାକୁ ଯାଇପାରୁ ନାହାନ୍ତି। ସ୍ତ୍ରୀଙ୍କ ପରିଶ୍ରମରେ ଦମ୍ପତିଙ୍କ ପେଟ ଚଳୁଛି। ଭଙ୍ଗାଘର ମରାମତି କରିବା କଷ୍ଟସାଧ ହୋଇପଡ଼ିଛି। ତେଣୁ କତାରୁଙ୍କୁ ଚିକିତ୍ସାର ବ୍ୟବସ୍ଥା କରିବା ସହ ଆବାସ ଗୃହ ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ତ୍ରିପାଠୀ ପୁଣି କତାରୁ ପାଖକୁ ଟିମ ପଠାଇବେ ବୋଲି କହିଥିଲେ। ବିଡିଓ ମୋତେ ଡେଟ ଦିଅନ୍ତୁ ମୁଁ ଯୋଗାଇବି ବୋଲି ପ୍ରତିଶ୍ରୁତି ଦେଇଥିଲେ।






# ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରଚାର ଜୋର୍‌ଦାର

କୋଟପାଡ଼,୨୮।୩(ଡି.ଏନ୍.ଏ.)

କୋଟପାଡ ବିଧାନସଭା ନିର୍ବାଚନ ମଣ୍ଡଳୀ ତଥା ନବରଙ୍ଗପୁର ସଂସଦୀୟ କ୍ଷେତ୍ର ପାଇଁ ଭୋଟ ଗ୍ରହଣ ଆସନ୍ତା ୧୧ ତାରିଖ ହେବ। ଏଥିପାଇଁ ପ୍ରମୁଖ ୩ ଦଳର ପ୍ରାର୍ଥୀ ପ୍ରଚାରପ୍ରସାର ଆରମ୍ଭ କରିଦେଇଛନ୍ତି। କର୍ମୀ ଓ ନେତାଙ୍କୁ ନେଇ ପ୍ରାର୍ଥୀ ଗ୍ରାମାଞ୍ଚଳରେ ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିପଡ଼ିଛନ୍ତି। ସେପଟେ ଟିକେଟ୍ ପାଇ ନ ଥିବା ଅସନ୍ତୁଷ୍ଟ ଗୋଷ୍ଠୀ ଦଳ ଡିଆଁ ଚଳାଇଛନ୍ତି। ଦଳରୁ ପୂର୍ବରୁ ନିଲମ୍ବିତ ନେତା କର୍ମୀମାନଙ୍କୁ ଘରବାହୁଡ଼ା ଦର୍ଶାଇ ପୁଣି ଦଳରେ ମିଶାଯାଉଛି । ଏହି ନିର୍ବାଚନ ମଣ୍ଡଳୀରେ ଗତଦିନରେ କଂଗ୍ରେସ ଦଳରୁ ବରିଷ୍ଠ ନେତା ଚଞ୍ଚଳ କୁମାର ଗୁଜୁରାଲଙ୍କୁ ଜିଲା ସଭାପତି ନିଲମ୍ବନ କରିଥିଲେ। ପୁଣି ତାଙ୍କୁ ଦଳରେ ନିଆଯାଇଛି । ସେହିଭଳି ପୂର୍ବତନ ବିଧାୟକ ସଦନ ନାୟକ ଭାଜପାରେ ଥିଲେ । ପରବର୍ତ୍ତୀ ସମୟରେ ଭାଜପା ଛାଡ଼ି ବିଜେଡିରେ ଯୋଗଦେବା ସହ ବିଜେଡି ପକ୍ଷରୁ ଏମ୍‌ପି ପ୍ରତିନିଧି ମଧ୍ୟ ଥିଲେ । ସେ ବର୍ତ୍ତମାନ ବିଜେଡି ଛାଡି ପୁଣି ଭାଜପା ଶିବିରରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ବଡାସନା ପଞ୍ଚାୟତର କେତେକ ବିଜେଡି କର୍ମୀ କଂଗ୍ରେସରେ ଯୋଗଦାନ କରିଛନ୍ତି । ଏଠାରେ ତ୍ରିମୁଖୀ ଲଢ଼େଇ ହେବାର ସମ୍ଭାବନା ରହିଛି।






## ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ କମିଶନଙ୍କ ପଦକ୍ଷେପ
# ସାଧାରଣ ପର୍ଯ୍ୟବେକ୍ଷକ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଯୁକ୍ତ

କୋରାପୁଟ,୨୮।୩(ସ୍ୱ.ପ୍ର.)

ସାଧାରଣ ନିର୍ବାଚନ ପରିଚାଳନା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଜିଲା ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। କୋରାପୁଟ ସଂସଦୀୟ କ୍ଷେତ୍ର ପାଇଁ ଆଶିଷ ଯୋଗୀଙ୍କୁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। ସେ ପଟ୍ଟାଙ୍ଗି, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ ବିଧାନସଭା କ୍ଷେତ୍ରରେ କାର୍ଯ୍ୟ କରିବେ। ସେହିପରି କୋଟପାଡ଼ ବିଧାନସଭା କ୍ଷେତ୍ର ପାଇଁ ଦିନେଶଜୀ ପଟେଲଙ୍କୁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଚଞ୍ଚଲ କୁମାର ତିୱାରିଙ୍କୁ କୋରାପୁଟ ସଂସଦୀୟ କ୍ଷେତ୍ର ପାଇଁ ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ କୋରାପୁଟ, ଲକ୍ଷ୍ମୀପୁର, କୋଟପାଡ଼, ଜୟପୁର, ପଟ୍ଟାଙ୍ଗି ବିଧାନସଭା କ୍ଷେତ୍ର ପାଇଁ ପ୍ରଭାତ ଦଣ୍ଡକିୟାଙ୍କୁ ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଛି। କୋରାପୁଟ ଜିଲାରେ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ସମ୍ପର୍କିତ ଯେ କୌଣସି ଅଭିଯୋଗ ଆସିଲେ, କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଏହି ପର୍ଯ୍ୟବେକ୍ଷକଙ୍କୁ ବ୍ୟକ୍ତିଗତ ଭାବେ ଅବଗତ କରାଯାଇ ପାରିବ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

# ଯୁବତୀଙ୍କୁ ପ୍ରତାରଣା, ଯୁବକ କୋର୍ଟ ଚାଲାଣ

ବୈପାରୀଗୁଡ଼ା,୨୮।୩(ଡି.ଏନ୍.ଏ.)

ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସଂପର୍କ ରଖିବା ପରେ ତାଙ୍କୁ ପ୍ରତାରଣା କରିଛନ୍ତି ଜଣେ ଯୁବକ। ଏହି ଅଭିଯୋଗରେ ସେହି ଯୁବକଙ୍କୁ ବୈପାରୀଗୁଡ଼ା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ ଗତ ୫ ତାରିଖ ବୈପାରୀଗୁଡ଼ା ଥାନା ଅନ୍ତର୍ଗତ କୋଲାର ପଞ୍ଚାୟତ ରାମପୁର ଗ୍ରାମର ଜଣେ ଯୁବତୀଙ୍କୁ ସେହି ଥାନା ଅନ୍ତର୍ଗତ ଦଣ୍ଡାବାଡ଼ି ପଞ୍ଚାୟତ ବିରିଗୁଡ଼ା ଗ୍ରାମର ଉଦୟ ଖରା (୨୦) ବିବାହ ପ୍ରଲୋଭନ ଦେଖାଇ ଘରକୁ ଡାକିନେଇଥିଲେ। ସେଠାରେ କିଛିଦିନ ଯୁବତୀଙ୍କ ସହ ଶାରୀରିକ ସଂପର୍କ ରଖିବା ପରେ ତାଙ୍କୁ ଘରୁ ତଡ଼ିଦେଇଥିଲେ ଉଦୟ। ଏ ସଂପର୍କରେ ଯୁବତୀ ଜଣକ ବୁଧବାର ଥାନାର ଦ୍ୱାରସ୍ଥ ହୋଇଥିଲେ । କେଶ ନଂ ୪୨ରେ ଏକ ମାମଲା ରୁଜୁ ହେବା ପରେ ଏନେଇ ଥାନା ଅଧିକାରୀ ରମେଶ କୁମାର ଦେବତା ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ